# ଜିଲ୍ଲାରେ ଡାକ୍ତର ଅଭାବକୁ ନେଇ ଉଦ୍‌ବେଗ

ରାୟଗଡ଼ା,୧୫।୪(ଆଶିଷ ରଞ୍ଜନ ପଣ୍ଡା)

ମେଡିକାଲରେ ଡାକ୍ତର ନାହାନ୍ତି। ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସବୁଠି ଡାକ୍ତର ପଦବୀ ଖାଲି। ଜିଲାରେ ୪୫୯ ମଧ୍ୟରୁ ମାତ୍ର ୧୩୯ ଜଣ ଡାକ୍ତରଙ୍କ ଦ୍ୱାରା ରୋଗୀସେବା ଚାଲିଛି। ଏହାକୁ ନେଇ ବୁଧବାର ଜିଲା ପରିଷଦ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଧାୟକଙ୍କଠାରୁ ଆରମ୍ଭ କରି ଜିଲା ପରିଷଦ ସଭ୍ୟ ସମସ୍ତେ ଜିଲାର ସ୍ୱାସ୍ଥ୍ୟସେବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

୮୨ତମ ଜିଲା ପରିଷଦ ବୈଠକ ବୁଧବାର ଅଧ୍ୟକ୍ଷା ସରସ୍ୱତୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକକା, ଏମ୍‌ପି ପ୍ରତିନିଧି, ଗୁଣପୁର ବିଧାୟକଙ୍କ ପ୍ରତିନିଧି, ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ସୁନା, ରାୟଗଡ଼ା ଆଇଟିଡ଼ିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୁଣପୁର ଅଜୟ କୁମାର ପ୍ରଧାନ, ଜିଲା ପରିଷଦର ସମସ୍ତ ସଦସ୍ୟ, ବ୍ଲକ ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିବାକୁ ଅଧ୍ୟକ୍ଷା ଉପସ୍ଥିତ ସଦସ୍ୟଙ୍କୁ ଆହ୍ୱାନ କରିଥିଲେ। ବୈଠକ ପ୍ରାରମ୍ଭରେ ଜିଲାପାଳ ଗୁଣପୁର- ଥେରୁବାଲି ରେଳ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ, ବ୍ରହ୍ମପୁର – ଜୟପୁର ରାଜପଥ ଓ କେରଡା– ରାୟଗଡ଼ ରାସ୍ତା ବର୍ଦ୍ଧିତ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଥିଲେ। ରାୟଗଡ଼ା ବାଇପାସ୍ ରାସ୍ତା ନିମନ୍ତେ ଜମି ଅଧିଗ୍ରହଣ କାମ ସରିଛି ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ ବୋଲି ଜିଲାପାଳ କହିଥିଲେ। ଏଥିସହ ବିଷମକଟକ ଓ ମୁନିଗୁଡ଼ା ପାଇଁ ବାଇପାସ୍ କରାଯିବ। ଗ୍ରାମାଞ୍ଚଳ ରାସ୍ତାଘାଟ ଉନ୍ନତୀକରଣ ନିମନ୍ତେ ଜିଲାରେ ପାଖାପାଖି ୮୦୦ଟି ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ସୂଚନା ଦେଇଛନ୍ତି। ବିଶେଷକରି ଆଦିମ ଜନଜାତି ଯଥା ଓ ଲାଞ୍ଜିଆ ସୌରା ଅଞ୍ଚଳକୁ ଅଧିକ ଦୃଷ୍ଟି ଦିଆଯିବ। କାଶୀପୁର ବ୍ଲକରେ ଖଣିଜ ପାଣ୍ଠି ଯୋଜନାରେ ଯୋଗାଯୋଗ ବ୍ୟବସ୍ଥା କରାଯିବ। କାରିଗରମାନଙ୍କ ବିକାଶ ନିମନ୍ତେ ବିଷମକଟକ, ଗୁଣପୁର ଓ କାଶୀପୁର ବ୍ଲକରେ କଳାଗ୍ରାମ ଗଠନ କରାଯିବ। କୋଲନରା ଓ ରାମନାଗୁଡ଼ା ବ୍ଲକ୍‌ରେ ଚଳିତବର୍ଷ ୧୦୦୦ ଏକର ଜମିରେ ଗେଣ୍ଡୁଫୁଲ ଚାଷ କରାଯିବ। ନାଗାବଳୀ ଓ ବଂଶଧାରା ନଦୀ ଉପରେ ଜଳସେଚନ ପ୍ରକଳ୍ପ କରାଯିବା ନେଇ ସୂଚନା ମିଳିଛି।

ବିଧାୟକ କାଡ୍ରାକା ଜିଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ସମାଧାନ, ଶିକ୍ଷକମାନଙ୍କ ଡେପୁଟେଶନ ରଦ୍ଦ ଓ ବ୍ରହ୍ମପୁରଠାରୁ ଜୟପୁର ରାସ୍ତାର ୬ ଲେନ୍ ଯୋଜନା ବିଶିଷ୍ଟ କଥା ଉଠାଇଥିଲେ। ବିଧାୟକ ହିକକା ପିଇବା ପାଣି ସମସ୍ୟା ଓ ଜଗଦଲପୁର ସ୍ୱାସ୍ଥ୍ୟକେନ୍ଦ୍ର କଥା ଉପସ୍ଥାପନା କରିଥିଲେ। ଉପାଧ୍ୟକ୍ଷ ସୁନା ମୁନିଗୁଡ଼ା ବ୍ଲକ ରଘୁବାରୀ ଅଞ୍ଚଳ ସମସ୍ୟା ଉପରେ ଉଠାଇଥିଲେ। ଏହାପରେ ମୁଖ୍ୟତଃ ସ୍ୱାସ୍ଥ୍ୟସେବା ଉପରେ ଆଲୋଚନା କରାଯାଇଥିଲା। ସେତେବେଳେ ସମସ୍ତ ବିଧାୟକ ଓ ସଦସ୍ୟ ସ୍ୱାସ୍ଥ୍ୟସେବା ଓ ଡାକ୍ତର ସମସ୍ୟା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜିନୀ ଦେବୀ ସ୍ୱାସ୍ଥ୍ୟ ବିଭାଗ ବିଷୟରେ ଉପସ୍ଥାପନା କରିଥିଲେ। ଜିଲାରେ ୩୨୦ ଜଣ ଡାକ୍ତର ଆବଶ୍ୟକ ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ। ଆବଶ୍ୟକ ଡାକ୍ତର ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ସଦସ୍ୟମାନେ ଅନୁରୋଧ କରିଥିଲେ। ରାମନାଗୁଡ଼ା ବ୍ଲକ ହାଡ଼ଗୁଡା, ପଦ୍ମପୁର ବ୍ଲକ ପେରୁପାଙ୍ଗ ଓ ଚନ୍ଦ୍ରପୁର ବ୍ଲକ ବିଜାପୁରଠାରେ ହୋମିଓପାଥି ମେଡିକାଲ ନିର୍ମାଣ କାହିଁକି ହେଉଛି ବୋଲି ପ୍ରଶ୍ନ ଉଠିଥିଲା। ସେଠାରେ ହୋମିଓପାଥି ଡାକ୍ତର ନିଯୁକ୍ତି ହେବେ କି ବୋଲି ପ୍ରଶ୍ନ କରି ତାହା ଭେଷଜ ମେଡିକାଲ କରିବାକୁ ଦାବି କରିଥିଲେ। ଶିକ୍ଷା ବିଭାଗ, ମଙ୍ଗଳ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ପୂର୍ତ୍ତ ଓ ଗ୍ରାମ୍ୟ ନିର୍ମାଣ ଉପରେ ନିଆଯାଇଥିବା ବିଭିନ୍ନ ନିର୍ମାଣାଧୀନ ଓ ନୂତନ ପ୍ରକଳ୍ପ ବିଷୟରେ ଆଲୋଚନା କରାଯାଇଥିଲା। ଯଥାଶୀଘ୍ର ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ କରିବାକୁ ସଦସ୍ୟମାନେ ଦାବି କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଜନ ପ୍ରତିନିଧି, ଜିଲା ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

**୮୨ ତମ ଜିଲା ପରିଷଦ ବୈଠକ**
- ଗ୍ରାମାଞ୍ଚଳ ରାସ୍ତା ଉନ୍ନତି ପାଇଁ ୮୦୦ ପ୍ରକଳ୍ପ ହାତକୁ ନିଆଯାଇଛି: ଜିଲାପାଳ
- ଲାଞ୍ଜିଆ ସୌରା ଅଞ୍ଚଳକୁ ଅଧିକ ଦୃଷ୍ଟି ଦିଆଯିବ

## ହନୁମାନ ମନ୍ଦିର ବାର୍ଷିକ ଉତ୍ସବ, ଗୁଲୁମୁଣ୍ଡା ରାମମୟ


କାର୍ଯ୍ୟକ୍ରମରେ ଉପସ୍ଥିତ ସାଧୁସନ୍ଥ।

ଗୁଣପୁର,୧୫।୪
(ସୁଜାତା ପାଢ଼ୀ/ସଂକେତ ପାତ୍ର)

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୁଲୁମୁଣ୍ଡା ଗ୍ରାମରେ ଥିବା ହନୁମାନ ମନ୍ଦିରର ପ୍ରଥମ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୀର୍ଘ ୯ ଦିନ ଧରି ରାମଚରିତ ମାନସ ପରାୟଣ ସହ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଥ ଚରଣ ଦାସ ମହାରାଜ ରାମଚରିତ ମାନସର ମୂଳ ପାଠ କରିଥିବା ବେଳେ ମହନ୍ତ ସନାତନ ମହାରାଜ ନିତ୍ୟ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଜଣାଶୁଣା କଥାବାଚକ ପଣ୍ଡିତ ଈପ୍ସିତ ମିଶ୍ର ଶ୍ରୀରାମଙ୍କ ଜୀବନ ଓ ଆଦର୍ଶ ଉପରେ ଭକ୍ତଙ୍କୁ ଆଧ୍ୟାତ୍ମିକ କଥା ଶୁଣାଇଥିଲେ। ବୃନ୍ଦାବନରୁ ୧୦ରୁ ଅଧିକ ସାଧୁସନ୍ଥ ଯୋଗଦେଇ କାର୍ଯ୍ୟକ୍ରମକୁ ଆଧ୍ୟାତ୍ମିକ ମାହୋଲରେ ଭରି ଦେଇଥିଲେ। ଟେକିଲି ମଠର ମହନ୍ତ ମଦନ ଗୋପାଳ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ସବୁ କାର୍ଯ୍ୟ ପରିଚାଳିତ ହୋଇଥିଲା। ମହା ବିଷୁବ ସଂକ୍ରାନ୍ତି ଦିନ ମହାପ୍ରଭୁଙ୍କ ଛପନ ଭୋଗ ବିଶେଷ ଆକର୍ଷଣ ଥିଲା। ମଙ୍ଗଳବାର ସନ୍ଧ୍ୟାରେ ଗୁଲୁମୁଣ୍ଡା ଗ୍ରାମର ସମସ୍ତ ମନ୍ଦିର ପରିସରରେ ୧ଲକ୍ଷ୮ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସାଧୁସନ୍ଥଙ୍କ ଆଗମନ, ରାମଚରିତ ମାନସ ଯୋଗୁ ଗ୍ରାମରେ ଅଯୋଧ୍ୟା ସଦୃଶ ରାମମୟ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହେଉଥିଲା। ଶେଷ ଦିନରେ ସମସ୍ତ ସାଧୁସନ୍ଥ ଓ କଥାବାଚକମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ମାନ ସହ ସ୍ମୃତିଚିହ୍ନ ଓ ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା।

## କାର୍ଯ୍ୟରତ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

ଗୁଡାରି, ୧୫।୪ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକର ଶିରୀଗୁଡା ସେବାଶ୍ରମ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ନୀଳକଣ୍ଠ ଶବର (୫୫)ଙ୍କ ବୁଧବାର ମୃତ୍ୟୁ ଘଟିଛି। ନୀଳକଣ୍ଠ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ବ୍ରହ୍ମପୁର ଏବଂ ପରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଳମ ମେଡିକାଲକୁ ନେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ବୁଧବାର ପୂର୍ବାହ୍ନରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

ସୂଚନା ମୁତାବକ ସେ କିଛିଦିନ ପୂର୍ବରୁ କର୍କଟ ରୋଗରେ ପୀଡିତ ଥିଲେ ଏବଂ ହଠାତ ତାଙ୍କର ରକ୍ତଚାପ ଏବଂ ଶରୀରର ଶର୍କରା ସ୍ତର ବୃଦ୍ଧି ପାଇଥିଲା। ଜଣେ ଶାନ୍ତ ଓ ମେଳାପି ଶିକ୍ଷକ ଭାବେ ବ୍ଲକରେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ଖବରପାଇ ଗୁଡାରି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ତାଙ୍କ ଘର ଲାଉଗୁଡା ଯାଇ ସେଠାରେ ଅନ୍ତିମ ଦର୍ଶନ କରିଥିଲେ। ଏଥିସହ ସରକାରୀ ସାହାଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ଗୁଡାରିରେ ଶିକ୍ଷକ ସମାଜ ଶୋକ ପ୍ରକାଶ କରିଛି। ଏହାଛଡ଼ା ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଇଓ ଲୋକନାଥ ସୁନା ଓ ଶିରୀଗୁଡା ଗ୍ରାମବାସୀ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ର କର୍ମଚାରୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।


ମୃତ ନୀଳକଣ୍ଠ ଶବର।

## ୨୧ କୁଇଣ୍ଟାଲ ମହୁଲ ଜବତ, ଜଣେ ଗିରଫ

ଚନ୍ଦ୍ରପୁର,୧୫।୪(ବିଜୟପ୍ରସାଦଉଲାକା)

ରାୟଗଡ଼ା ଅବକାରୀ ବିଭାଗ ପକ୍ଷରୁ ଚନ୍ଦ୍ରପୁର୍ ବ୍ଲକର ଡାଙ୍ଗସୋରଡ଼ା ପଞ୍ଚାୟତ ଅଧୀନ ପାନଡ୍ରାଖାଲ ଗ୍ରାମରେ ବୁଧବାର ଚଢ଼ାଉ କରାଯାଇ ୨୧ କୁଇଣ୍ଟାଲ ମହୁଲ ଜବତ କରାଯାଇଛି। ରାୟଗଡ଼ା ଅବକାରୀ ନିରୀକ୍ଷକ କମ୍ପୁପାନି ସିନ୍ଦୁରଙ୍କ ନେତୃତ୍ୱରେ ଏକ ଟିମ୍ ପାଣ୍ଡରାଖାଲ ଗ୍ରାମର ବ୍ୟବସାୟୀ ସଦାନନ୍ଦ ସାମଲଙ୍କ ଘର ଉପରେ ଚଢ଼ାଉ କରାଯାଇ ବେଆଇନ ଭାବେ ବିକ୍ରି ପାଇ ରଖାଯାଇଥିବା ୧୦୫ ବସ୍ତା ମହୁଲ ଜବତ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନଂ ୧୨/୨୬ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ବ୍ୟବସାୟୀ ସଦାନନ୍ଦ ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ନିରୀକ୍ଷକ ସିନ୍ଦୁର ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ଅବକାରୀ କନଷ୍ଟେବଲ କରୁଣାକର ପାତ୍ର, ସନ୍ୟାସୀ ହିଆଲ, ମହିଳା କନଷ୍ଟେବଲ୍ ରିନା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସିଜିମାଳିରେ ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍


ରାୟଗଡା ଜିଲା କାଶୀପୁର ବ୍ଲକ୍ କଣ୍ଡାମାଳ ଗ୍ରାମରେ ବୁଧବାର ଭାଜପା ଟିମ୍ ଲୋକଙ୍କ ମତ ସଂଗ୍ରହ କରୁଛନ୍ତି।

ରାୟଗଡ଼ା,୧୫।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ସିଜିମାଳି ଖଣି ପ୍ରଭାବିତ ସ୍ଥାନରେ ବୁଧବାର ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପହଞ୍ଚି ସ୍ଥାନୀୟ ଲୋକଙ୍କ ମତ ସଂଗ୍ରହ କରିଛନ୍ତି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ବୁଧବାର ଭାଜପାର ୧୦ ଜଣିଆ ପ୍ରତିନିଧି ଦଳ କାଶୀପୁର ବ୍ଲକ୍ କଣ୍ଡାମାଳ ଗାଁରେ ପହଞ୍ଚି ଖଣି ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଛନ୍ତି। କେଉଁ ପରିସ୍ଥିତିରେ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଖଣ୍ଡଯୁଦ୍ଧ ହେଲା ସେ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଖଣି ଉତ୍ତୋଳନ ହେଲେ ଲୋକେ କେତେ ପ୍ରଭାବିତ ହେବେ ସେ ନେଇ ଲୋକଙ୍କ ମତ ସଂଗ୍ରହ କରାଯାଇଛି। ଭାଜପା ଟିମ୍ ସହ ଗ୍ରାମବାସୀ ଦୀର୍ଘ ସମୟ ଆଲୋଚନାକରି ସିଜିମାଳି ଖଣି ଖନନ ପାଇଁ ପୁନର୍ବାର ଗ୍ରାମସଭା ହେଉ ବୋଲି ଦାବି କରିବା ସହ ଆଦିବାସୀଙ୍କ ଉପରେ ଲାଗିଥିବା ସବୁ ମାମଲା ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଛନ୍ତି। ଏହି ଟିମ୍ ଶାଗବାରୀ ଗ୍ରାମକୁ ମଧ୍ୟ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଖଣି ଖନନ ପରିବର୍ତ୍ତେ କୃଷିଭିତ୍ତିକ ବିକାଶ ପାଇଁ ଲୋକେ ଦାବି କରିଥିଲେ। ଲୋକଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ ପରେ ଟିମ୍ ରାଜ୍ୟ ସରକାରଙ୍କୁ ଏକ ରିପୋର୍ଟ ଦେବ ବୋଲି କୁହାଯାଇଛି। ଉକ୍ତ ଟିମ୍‌ରେ କୋରାପୁଟ ବିଧାୟକ ରଘୁରାମ ମାଛ , କୋଟପାଡ୍ ବିଧାୟକ ରୂପୁ ଭତରା, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ଜାତୀୟ ସାଧାରଣ ସମ୍ପାଦକ କାଳିରାମ ମାଝୀ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକଙ୍କ ସମେତ ରାୟଗଡ଼ା ଜିଲାର ବହୁ ଭାଜପା ନେତା ଉପସ୍ଥିତ ଥିଲେ।

## ୮ ଫୁଟ ତଳକୁ ଖସିଲା କାର୍, ୫ ଆହତ

ଚନ୍ଦ୍ରପୁର, ୧୫।୪ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର୍ ବ୍ଲକରୁ ମୁନିଗୁଡ଼ା ଅଭିମୁଖେ ଯାଉଥିବା ଏକ କାର୍ ନଂ ( ଓଡ଼ି ୧୮ପି ୪୬୨୩) ଡ଼ାଙ୍ଗସୋରଡା ସିଆର୍‌ପିଏଫ୍ ଛକ ନିକଟରେ ଥିବା ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାର ୮ ଫୁଟ ତଳକୁ ଖସି ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଅମୂଲ୍ୟ ବେହେରାଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଅନ୍ୟ ୪ ଜଣ ସାମାନ୍ୟ ଆହତ ହୋଇ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ବେପରୁଆ ଗାଡିଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ଅଞ୍ଚଳବାସୀ କହିଛନ୍ତି।




## ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

**ଶ୍ରୁତିପ୍ରଜ୍ଞା ସ୍କୁଲ ଟପ୍ପର**

ଗୁଣପୁର,୧୫।୪( ସଂକେତ ପାତ୍ର/ସୁଜାତା ପାଢ଼ୀ)

ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ର ଚଳିତ ବର୍ଷ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ସଫଳତା ଅର୍ଜନ କରି ଶତପ୍ରତିଶତ ଫଳାଫଳ ହାସଲ କରିଛନ୍ତି। ଶ୍ରୁତିପ୍ରଜ୍ଞା ଦାଶ ୯୮.୮ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଲିଙ୍ଗମ ଲକ୍ସିତା ୯୮ ପ୍ରତିଶତ ରଖି ଦ୍ୱିତୀୟ, ଶୁଭସ୍ମିତା ସାହୁ ୯୬.୨୦, ଅଭିଜିତ ମିଶ୍ର ୯୬ ଏବଂ ସଂଗ୍ରାମ ଦାସ ୯୫.୨୦ ପତିଶତ ମାର୍କ ରଖି ସ୍କୁଲର ପ୍ରଥମ ୫ଜଣ ମଧ୍ୟରେ ସ୍ଥାନ ପାଇଛନ୍ତି। ଏଥିସହ ୧୧ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି କୃତିତ୍ୱ ଅର୍ଜନ କରିଛନ୍ତି। ସେହିପରି ୩୩ ଛାତ୍ରୀଛାତ୍ର ପାସ୍ କରି ଶତପ୍ରତିଶତ ରେଜଲ୍ଟ ରେକର୍ଡ କରିଛି । ଗତବର୍ଷ ମଧ୍ୟ ଏହି ସ୍କୁଲରେ ଶତପ୍ରତିଶତ ପଳାଫଳ ହୋଇଥିଲା । ଏହି ସଫଳତା ପାଇଁ ସ୍କୁଲର ପରିଚାଳନା କମିଟି ନୋମିନି ଆଧ୍ୟକ୍ଷ ତଥା ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, ପରିଚାଳନା କମିଟି ସଦସ୍ୟ ଅକ୍ଷୟ ଦାଶ, ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା ଓ ପ୍ରିନ୍ସିପାଲ ସୌରଭ ଜୈନ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ବିଷୁବ ମିଳନ ସମାରୋହ ପାଳିତ


ଅତିଥିମାନେ କବିତା ପୁସ୍ତକକୁ ଲୋକାର୍ପିତ କରୁଛନ୍ତି।

ଗୁଣପୁର,୧୫।୪( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରଠାରେ ନବନିର୍ମାଣ ସମିତି ଓ ବଂଶଧାରା ସାହିତ୍ୟ ସମାଜ ଆନୁକୂଲ୍ୟରେ ଚତୁର୍ଦ୍ଦଶ ବିଷୁବ ମିଳନ ସମାରୋହ ପାଳିତ ହୋଇଯାଇଛି। ନବନିର୍ମାଣ ସମିତିର ସଭାପତି ଅକ୍ଷୟ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ପକ୍ଷ ପାଳନ, ପଞ୍ଜିକା ପାଠ, ପଣା ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଶିଷ୍ଟ କବି ଦେବେନ୍ଦ୍ର ବାଉରୀ ଓ ସାହିତ୍ୟ ସାଧକ ସହଦେବ ରଥଙ୍କୁ ଜୀବନବ୍ୟାପୀ ଓଡ଼ିଆ ସହିତ୍ୟ ସର୍ଜନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଶିଷ୍ଟ ଗୀତିକାର କୈଳାସ ଦାଶଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ସମ୍ମାନିତ ଅତିଥି ଭାବେ ଗୁଣପୁର ଉପଜଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ ଓ ମୁଖ୍ୟବକ୍ତା ରୂପେ ଅଧ୍ୟାପିକା ବାସନ୍ତୀ ମହାନ୍ତି ଯୋଗଦେଇ ଓଡ଼ିଆ ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପଣ୍ଡିତ ପ୍ରକାଶ ରଥ ପଞ୍ଜିକା ପଠନ କରିଥିବା ବେଳେ ଗୁରୁ ସସ୍ମିତା ପଣ୍ଡାଙ୍କ ନିର୍ଦ୍ଦେଶିତ ନୃତ୍ୟ ଦଳ ଦ୍ୱାରା ବାର ମାସେ ତେର ଯାତ୍ରା ନୃତ୍ୟନାଟିକା ପରିବେଷଣ ହୋଇଥିଲା। ଏହି ଅବସରରେ କାବ୍ୟାୟନ ପତ୍ରିକା ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। ପ୍ରଶାନ୍ତ ମିଶ୍ର, ରବି କୁମାର,ଗୁଲୁ ଅଧିକାରୀ ଉତ୍ସବ ପରିଚାଳନା କରିଥିଲେ ।

## ବାଇରୁ ଗମାଙ୍ଗଙ୍କ ଆଶ୍ରମ ପରିଦର୍ଶନକଲେ ବାସନ୍ତୀ ମହାନ୍ତି

ଗୁଣପୁର,୧୫।୪( ସୁଜାତା ପାଢ଼ୀ)

ଭୁବନେଶ୍ୱରରୁ ଆସିଥିବା ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସାହିତ୍ୟିକା ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବାଉରିବନ୍ଧୁ ମହାନ୍ତିଙ୍କ ସୁପୁତ୍ରୀ ବାସନ୍ତୀ ମହାନ୍ତି, ସେବା ସମାଜ ଗୁଣପୁରର ସାମାଜିକ କର୍ମୀ ରାଜେଶ୍ୱରୀ ଦଳେଇ ଓ ଅନ୍ୟମାନେ କୁଜେନ୍ଦ୍ରୀଠାରେ ଥିବା ସ୍ୱାଧୀନତା ସଂଗ୍ରାମୀ ବାଇରୁ ଗମାଙ୍ଗ ଆଶ୍ରମକୁ ବୁଧବାର ପରିଦର୍ଶନ କରିଥିଲେ। କୋରାପୁଟଆ ଗାନ୍ଧୀ ବିଶ୍ୱନାଥ ପଟ୍ଟନାୟକ, ବାଇରୁ ଗମାଙ୍ଗ ଓ ଷାଣ୍ଢୀ ଗମାଙ୍ଗ ଏଇ ମାଟିରୁ ଗାନ୍ଧିଜୀଙ୍କ ଡାକରାରେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇଥିଲେ । ତେଣୁ ଏଇ ବୀରଭୂମି କୁଜେନ୍ଦ୍ରି ଆଶ୍ରମରେ କିଛି ସମୟ ଅତିବାହିତ କରିବା ସହ ସ୍ମୃତି ସବୁ ମନେ ପକେଇଥିଲେ । ଏଇ ପବିତ୍ର ମାଟିରେ ବିନୋବାଜୀ ପାଦ ଦେଇଥିଲେ । ସେଇ ମହାନ୍ ଆତ୍ମଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଭାବବିହ୍ୱଳ ହୋଇ ସ୍ୱାଧୀନତା ସଂଗ୍ରାମରେ କିଭଳି ଝାସ ଦେଇଥିଲେ ସେହି ପୁଣ୍ୟ ମାଟିକୁ ପ୍ରଣାମ କରିଥିଲେ।



# ୪୮ ଘଣ୍ଟା ପରେ ପୋତାଗଲା ମୃତଦେହ

**ଧର୍ମ ପରିବର୍ତ୍ତନ ଯୋଗୁ ଶ୍ମଶାନ ମନା ଘଟଣା**

ଉମରକୋଟ,୧୫।୪ (ସନ୍ତୋଷ ଶତପଥୀ)

ଧର୍ମ ପରିବର୍ତ୍ତନ କରିଥିବାରୁ ଗାଁ ଶ୍ମଶାନରେ ମୃତଦେହ ସତ୍କାର ପାଇଁ ମିଳିଲାନି ଅନୁମତି। ଘରେ ୪୮ ଘଣ୍ଟା ମୃତଦେହ ପଡି ରହିବା ପରେ ଶେଷରେ ସମାଧାନ ବାଟ ବାହାରିଥିଲା। ପୋଲିସ ଏବଂ ପ୍ରଶାସନ ଘଟଣାସ୍ଥଳରେ ରହି ବୁଝାଶୁଝା କରିବା ପରେ ଶ୍ମଶାନ ବଦଳରେ ପୈତୃକ ଜମିରେ ଶବ ସତ୍କାର ପାଇଁ ନିଷ୍ପତ୍ତି ହୋଇଥିଲା। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ କୋପେନା ଗ୍ରାମପଞ୍ଚାୟତର ଅଣ୍ଡ୍ରି ଗ୍ରାମରେ। ସୂଚନା ଅନୁଯାୟୀ, ଅଣ୍ଡ୍ରି ଗ୍ରାମର ରାଜମନ ସାନ୍ତାଙ୍କ ସ୍ତ୍ରୀ ମାଣିକ ସାନ୍ତା ଦୀର୍ଘ ଦିନ ଅସୁସ୍ଥ ରହିବା ପରେ ସୋମବାର ସନ୍ଧ୍ୟା ୬ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ରାଜମନ କିଛି ବର୍ଷ ତଳେ ମୂଳ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଶ୍ମଶାନରେ କିମ୍ବା ଆଖପାଖ ମୌଜାରେ ଶବ ସତ୍କାର କରିବା ପାଇଁ ଜାଗା ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ଫଳରେ ଦୀର୍ଘ ୪୮ ଘଣ୍ଟା ହେଲା ମୃତଦେହ ଘର ଭିତରେ ପଡ଼ି ରହିଥିଲା। ନବରଙ୍ଗପୁର ଉପ ଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, କୋପେନା ସରପଞ୍ଚ ପର୍ଶୁରାମ ଗଣ୍ଡ, ଜିଲା ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଉମରକୋଟ ଓ ପାପଡ଼ାହାଣ୍ଡି ପୋଲିସ ଉପଖଣ୍ଡ ଅଧିକାରୀ, ଉମରକୋଟ ତହସିଲଦାର ମେଗବାନ ବାଗ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଉମରକୋଟ ବିଡିଓ ମନୋଜ କୁମାର ମେହେର ପ୍ରମୁଖ ଗ୍ରାମବାସୀଙ୍କ ସହ ବୈଠକ କରି ଆଲୋଚନା କରିବା ପରେ ଗ୍ରାମରେ ଶାନ୍ତି କମିଟି ଗଠନ ହୋଇପାରିଥିଲା। ପରେ ୨ ପକ୍ଷଙ୍କୁ ନେଇ ଏକ ବୈଠକ ବସିଥିଲା। ଆଲୋଚନା ପରେ ବୈଠକରେ ୨ ପକ୍ଷ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ଯେହେତୁ କେଶରୀବେଡ଼ା ମୌଜାରେ ଶ୍ମଶାନ ନାହିଁ, ତେଣୁ ପରିବାର ଲୋକେ ମୃତଦେହକୁ ନିଜ ବାଡ଼ିରେ ପୋତିବେ ବୋଲି ଚୁକ୍ତିନାମାରେ ଲେଖାଯାଇଥିଲା। ଏଥିସହ କୌଣସି ହିନ୍ଦୁ ବ୍ୟକ୍ତିଙ୍କୁ ଧର୍ମାନ୍ତରୀକରଣ କଲେ ଆଇନ ଅନୁସାରେ ଦଣ୍ଡିତ ହେବେ, ୨ ସମ୍ପ୍ରଦାୟ ଭିତରେ ଶାନ୍ତି, ସଦ୍‌ଭାବନା ପ୍ରେମ, ଭାଇଚାରା ଓ ସାମ୍ପ୍ରଦାୟିକ ଏକତା ବଜାୟ ରହିବ ବୋଲି ସମ୍ମତି ପ୍ରକାଶ ପାଇଥିଲା । ଏଥିସହ କେଶରୀବେଡ଼ା ଗ୍ରାମଠାରେ ଥିବା ଚର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ ବୋଲି ୨ ପକ୍ଷ ମଧ୍ୟରେ ଚୁକ୍ତିନାମା ପରେ ମୃତ ମହିଳାଙ୍କ ମରଶରୀରକୁ ପୋତାଯାଇଥିଲା। ଭବିଷ୍ୟତରେ ଜିଲାରେ ଯେମିତି ଏଭଳି ସମସ୍ୟା ନ ଉପୁଜିବ ସେଥିପାଇଁ ଜିଲାସ୍ତରୀୟ ଶାନ୍ତି କମିଟି ଗଠନ କରାଯିବ ବୋଲି ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।



ମହିଳାଙ୍କ ମୃତଦେହ ତାଙ୍କ ନିଜସ୍ୱ ବାଡିରେ ପୋତାଯାଉଛି।

# ୪୮ ଘଣ୍ଟା ପରେ ପୈତୃକ ଜମିରେ ପୋତିଲେ ମୃତଦେହ

## ଧର୍ମ ପରିବର୍ତ୍ତନ ଯୋଗୁ ଶ୍ମଶାନ ମନା ଘଟଣା

ଉମରକୋଟ,୧୫।୪ (ସନ୍ତୋଷ ଶତପଥୀ)



ମହିଳାଙ୍କ ମୃତଦେହ ତାଙ୍କ ନିଜସ୍ୱ ବାଡିରେ ପୋତାଯାଉଛି।

ଧର୍ମ ପରିବର୍ତ୍ତନ କରିଥିବାରୁ ଗାଁ ଶ୍ମଶାନରେ ମୃତଦେହ ସତ୍କାର ପାଇଁ ମିଳିଲାନି ଅନୁମତି। ଘରେ ୪୮ ଘଣ୍ଟା ମୃତଦେହ ପଡି ରହିବା ପରେ ଶେଷରେ ସମାଧାନ ବାଟ ବାହାରିଥିଲା। ପୋଲିସ ଏବଂ ପ୍ରଶାସନ ଘଟଣାସ୍ଥଳରେ ରହି ବୁଝାଶୁଝା କରିବା ପରେ ଶ୍ମଶାନ ବଦଳରେ ପୈତୃକ ଜମିରେ ଶବ ସତ୍କାର ପାଇଁ ନିଷ୍ପତ୍ତି ହୋଇଥିଲା। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ କୋପେନା ଗ୍ରାମପଞ୍ଚାୟତର ଅଣ୍ଡ୍ରି ଗ୍ରାମରେ। ସୂଚନା ଅନୁଯାୟୀ, ଅଣ୍ଡ୍ରି ଗ୍ରାମର ରାଜମନ ସାନ୍ତାଙ୍କ ସ୍ତ୍ରୀ ମାଣିକ ସାନ୍ତା ଦୀର୍ଘ ଦିନ ଅସୁସ୍ଥ ରହିବା ପରେ ସୋମବାର ସନ୍ଧ୍ୟା ୬ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ରାଜମନ କିଛି ବର୍ଷ ତଳେ ମୂଳ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଶ୍ମଶାନରେ କିମ୍ବା ଆଖପାଖ ମୌଜାରେ ଶବ ସତ୍କାର କରିବା ପାଇଁ ଜାଗା ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ଫଳରେ ଦୀର୍ଘ ୪୮ ଘଣ୍ଟା ହେଲା ମୃତଦେହ ଘର ଭିତରେ ପଡ଼ି ରହିଥିଲା। ନବରଙ୍ଗପୁର ଉପ ଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, କୋପେନା ସରପଞ୍ଚ ପର୍ଶୁରାମ ଗଣ୍ଡ, ଜିଲା ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଉମରକୋଟ ଓ ପାପଡ଼ାହାଣ୍ଡି ପୋଲିସ ଉପଖଣ୍ଡ ଅଧିକାରୀ, ଉମରକୋଟ ତହସିଲଦାର ମେଗବାନ ବାଗ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଉମରକୋଟ ବିଡିଓ ମନୋଜ କୁମାର ମେହେର ପ୍ରମୁଖ ଗ୍ରାମବାସୀଙ୍କ ସହ ବୈଠକ କରି ଆଲୋଚନା କରିବା ପରେ ଗ୍ରାମରେ ଶାନ୍ତି କମିଟି ଗଠନ ହୋଇପାରିଥିଲା। ପରେ ୨ ପକ୍ଷଙ୍କୁ ନେଇ ଏକ ବୈଠକ ବସିଥିଲା। ଆଲୋଚନା ପରେ ବୈଠକରେ ୨ ପକ୍ଷ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଯେହେତୁ କେଶରୀବେଡ଼ା ମୌଜାରେ ଶ୍ମଶାନ ନାହିଁ, ତେଣୁ ପରିବାର ଲୋକେ ମୃତଦେହକୁ ନିଜ ବାଡ଼ିରେ ପୋତିବେ ବୋଲି ଚୁକ୍ତିନାମାରେ ଲେଖାଯାଇଥିଲା। ଏଥିସହ କୌଣସି ହିନ୍ଦୁ ବ୍ୟକ୍ତିଙ୍କୁ ଧର୍ମାନ୍ତରୀକରଣ କଲେ ଆଇନ ଅନୁସାରେ ଦଣ୍ଡିତ ହେବେ, ୨ ସମ୍ପ୍ରଦାୟ ଭିତରେ ଶାନ୍ତି, ସଦ୍ଭାବନା ପ୍ରେମ, ଭାଇଚାରା ଓ ସାମ୍ପ୍ରଦାୟିକ ଏକତା ବଜାୟ ରହିବ ବୋଲି ସମ୍ମତି ପ୍ରକାଶ ପାଇଥିଲା। ଏଥିସହ କେଶରୀବେଡ଼ା ଗ୍ରାମଠାରେ ଥିବା ଚର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ ବୋଲି ୨ ପକ୍ଷ ମଧ୍ୟରେ ଚୁକ୍ତିନାମା ପରେ ମୃତ ମହିଳାଙ୍କ ମରଶରୀରକୁ ପୋତାଯାଇଥିଲା। ଭବିଷ୍ୟତରେ ଜିଲାରେ ଯେମିତି ଏଭଳି ସମସ୍ୟା ନ ଉପୁଜିବ ସେଥିପାଇଁ ଜିଲାସ୍ତରୀୟ ଶାନ୍ତି କମିଟି ଗଠନ କରାଯିବ ବୋଲି ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

## ଗୁରୁକୃପା ପବ୍ଲିକ୍ ସ୍କୁଲର ଶତ ପ୍ରତିଶତ ସଫଳତା



ଇଶା କର



ସୁନିଧି ଗୁପ୍ତା



ଦିଲିଶା ଲାଠିଆ



ପଲକ ଅଗ୍ରୱାଲ

ନବରଙ୍ଗପୁର,୧୫।୪(ସଦାଶିବ ପ୍ରହରାଜ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାଫଳ-୨୦୨୬ ବୁଧବାର ପ୍ରକାଶ ପାଇଛି। ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଗୁରୁକୃପା ପବ୍ଲିକ ସ୍କୁଲ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଫଳାଫଳର ଇତିହାସକୁ ଦୋହରାଇ ଶହେ ପ୍ରତିଶତ ଉତ୍ତୀର୍ଣ୍ଣ ହାର ସହ ସଫଳତା ହାସଲ କରିଛି। ଉକ୍ତ ଅନୁଷ୍ଠାନର ଦଶମ ଶ୍ରେଣୀରେ ସର୍ବ ମୋଟ ୧୩୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୨ ଜଣ , ଦ୍ୱିତୀୟ ଶ୍ରେଣୀରେ ୪୨ ଓ ତୃତୀୟ ଶ୍ରେଣୀରେ ୫୧ ଜଣ ଛାତ୍ରୀଛାତ୍ର ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ଇଶା କର ୯୭.୨୦% ନମ୍ବର ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ସୁନିଧି ଗୁପ୍ତା ୯୬.୬୦%, ଦିଲିଶା ଲାଠିଆ ୯୪% ଓ ପଲକ ଅଗ୍ରୱାଲ ୯୨.୮୦% ରଖି ବିଦ୍ୟାଳୟର ଗୌରବ ଅର୍ଜନ କରିଛନ୍ତି। ଅନୁଷ୍ଠାନର ଏହି ସଫଳତା ନିମନ୍ତେ ଗୁରୁକୃପା ଅନୁଷ୍ଠାନର ସଭାପତି ମନୋଜ କୁମାର ପାଢ଼ୀ, ସମ୍ପାଦିକା ସାଗରିକା ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶକ ସଚ୍ଚିନ ଦାସ ଓ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସ୍ୱପ୍ନା ପାଣିଗ୍ରାହୀ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନିଖୋଜ ଦାଦନ ଶ୍ରମିକଙ୍କ ମୃତଦେହ ଜବତ

ତେନ୍ତୁଳିଖୁଣ୍ଟି,୧୫।୪ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ଦେଓପାଲି ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଉଥିବାବେଳେ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ପରିବାର ଲୋକେ ଗତ ୬ ତାରିଖରେ ଖାତିଗୁଡ଼ା ଥାନାରେ ଏତଲା ଦେଇଥିଲେ। ତେବେ ମାର୍ଚ୍ଚ ୧୬ ତାରିଖରେ ତେଲଙ୍ଗାନାର ନାଲଗୋଣ୍ଡା ରେଲୱେ ପୋଲିସ ବାଲିଗୋଣ୍ଡା ଷ୍ଟେଶନ ନିକଟରୁ ଏକ ମୃତଦେହ ଜବତକରି ତାଙ୍କ ପରିଚୟ ମିଳିନ ଥିବାରୁ ସଂରକ୍ଷିତ ରଖିଥିଲେ। ନାଲଗୋଣ୍ଡା ରେଲୱେ ପୋଲିସ ଅନୁସନ୍ଧାନ କରିବା ପରେ ମୃତଦେହ ନବରଙ୍ଗପୁର ଜିଲାର ସୁନାଧର ଜାନୀଙ୍କ ବୋଲି ଜଣାପଡ଼ିଥିଲା। ଖବରପାଇ ଗତ ୧୨ ତାରିଖରେ ପରଜା ଦେଓପାଲି ସରପଞ୍ଚଙ୍କ ସ୍ୱାମୀ ନରସିଂହ ନାଲଗୋଣ୍ଡା ଯାଇ ମୃତଦେହ ଚିହ୍ନଟ ସହ ପୋଷ୍ଟମର୍ଟମ ରିପୋର୍ଟ ତଥା ଡେଥ୍ ସାର୍ଟିଫିକେଟ ହାସଲ କରିଛନ୍ତି। ନାଲଗୋଣ୍ଡା ମେଡିକାଲ କଲେଜର ଫୋରେନସିକ୍ ବିଭାଗ ଦ୍ୱାରା ଶବ ବ୍ୟବଚ୍ଛେଦ ରିପୋର୍ଟରେ ମୃତ୍ୟୁର କାରଣ ମୁଣ୍ଡରେ ଆଘାତ ବୋଲି ଦର୍ଶାଯାଇଛି। ମାର୍ଚ୍ଚ ୧୬ରେ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସୂଚିତ ହେଉଛି।

## ବେହେଡ଼ା ସଂରକ୍ଷିତ ଜଙ୍ଗଲରେ ନିଆଁ



ଉମରକୋଟ,୧୫।୪ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବନଖଣ୍ଡ ଅନ୍ତର୍ଗତ ବେହେଡା ସଂରକ୍ଷିତ ଜଙ୍ଗଲରେ ହୁତୁହୁତୁ ହୋଇ ନିଆଁ ଜଳୁଛି। ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗ ପକ୍ଷରୁ ନଜର ନାହିଁ। ଉମରକୋଟ- ରାଇଘର ମୁଖ୍ୟ ରାସ୍ତାକଡ଼ରେ ଥିବା ବେହେଡା ରିଜର୍ଭ ଜଙ୍ଗଲରେ ନିଆଁ ଲାଗିଥିବା ବିଷୟରେ ଜିଲା ବନ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କୁ ସୂଚନା ଦେବା ପରେ ଶୀଘ୍ର ନିଆଁ ଲିଭାଯିବ ବୋଲି କହିଥିଲେ। ଅନ୍ୟପଟେ ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ଅନେକ ବନ୍ୟଜନ୍ତୁ ଗାଁ ଏବଂ ସହର ମୁହାଁ ହେଉଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ଜିଲାର ଅନେକ ସ୍ଥାନରେ ଥିବା ଜଙ୍ଗଲରେ ନିଆଁ ଲାଗିଥିବା ଯୋଗୁ ରାଜ୍ୟ ସରକାର ଜିଲାର ୩ ବନଖଣ୍ଡ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଥିଲେ। ବନ ବିଭାଗ ଏ ଦିଗରେ ଯଦି ଦୃଷ୍ଟି ନ ଦିଏ ତା'ହେଲେ ଆଗାମୀ ଦିନରେ ଜଙ୍ଗଲୀ ଜନ୍ତୁଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଲୋକେ କହିଛନ୍ତି।

## ୯୭% ମାର୍କ ରଖି ଆୟୁଷ୍ମାନ୍, ଜସିନି ବିଦ୍ୟାଳୟ ଟପ୍ପର

ନବରଙ୍ଗପୁର,୧୫।୪(ସଦାଶିବ ପ୍ରହରାଜ)



ଜସିନି ମୁନି



ଆୟୁଷ୍ମାନ ପଟ୍ଟନାୟକ

ନବରଙ୍ଗପୁର ପ୍ୟାରେଣ୍ଟସ ପ୍ରାଇଡ୍ ପବ୍ଲିକ ସ୍କୁଲର ୩୭ ଛାତ୍ରୀଛାତ୍ର ସିବିଏସ୍ଇ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୫ ଜଣ ଫାଷ୍ଟ ଡିଭିଜନ, ୯ ଜଣ ସେକେଣ୍ଡ ଡିଭିଜନ ଓ ୩ ଜଣ ଥାର୍ଡ ଡିଭିଜନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆୟୁଷ୍ମାନ ପଟ୍ଟନାୟକ ଓ ଜସିନି ମୁନି ୯୭% ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଭି.ନୀତିନ ନାଇଡୁ ୯୩.୮୦%, ତରୁଣ ପଟ୍ଟନାୟକ ୯୨.୬୦%, ସଚିତା ରଥ ୯୨%, ଔରା ଅର୍ପିତ ପଟ୍ଟନାୟକ ୯୧.୪୦%, ସପାଭାରପୁ ମୋହିନୀ ୯୦.୪୦%, ସ୍ୱସ୍ତିକ ପଟ୍ଟନାୟକ୯୦.୨୦%, ସୁହାନ ସିଂଘଲ ୮୭.୬୦%, ଏସ୍ ସି ତେଜଶ୍ରୀ ୮୬.୬୦% ଓ ଦୀପିକା ଖୋସଲା ୮୬ % ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ନେଇ ବିଦ୍ୟାଳୟର ଅଧକ୍ଷା ଏ. ଅରୁଣା ଓ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କାମତାକୁ ହରାଇ ରୋଜାମାଟୁ ଦଳ ଚାମ୍ପିୟନ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ପାପଡାହାଣ୍ଡି, ୧୫।୪, (ସପ୍ନଜିତ ପଟ୍ଟନାୟକ)

### ମା' ମାଉଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର କୈଳାସ ପଡିଆଠାରେ ଚାଲିଥିବା ମା' ମାଉଲି କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍ଯାପିତ ହୋଇଛି। ଫାଇନାଲ ମ୍ୟାଚରେ କାମତା ଦଳକୁ ହରାଇ ରୋଜାମାଟୁ ଦଳ ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି କାମତା ଦଳ ୧୨ ଓଭରରେ ୧୧୭ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ରୋଜାମାଟୁ ଦଳ ୧୦.୩ ଓଭରରେ ୧୧୮ ରନ ସଂଗ୍ରହ କରି ଲକ୍ଷ୍ୟ ହାସଲ କରିଥିଲେ। ଏହି ମ୍ୟାଚକୁ ରେଫରି ଭାବେ ହରି ବାଘ ଓ ଦେବ ସୁନା ପରିଚାଳନା କରିଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ଗୁଡୁ ବିଷୋୟୀ, ତୁଲୁସା ଭତରା, ବିମଲ ଜୈନ, ନରସିଂହ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଜୟୀ ଦଳକୁ ୩୫ ହଜାର ଓ ଉପ ବିଜେତାକୁ ୨୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ରୋଜାମାଟୁ ଦଳର ସାମନ୍ତ ସାନ୍ତାଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ଓ କାମତାର ଦେବ ସୁନାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟକୁ ବୀରେନ ବାଘ, ଜଗା ଡଙ୍ଗରି, ଅନୀଲ ସୁନା, ବିକାଶ ବାଘ, ଦେବେନ୍ଦ୍ର ସୁନା ପ୍ରମୁଖ ପରିଚାଳନା କରିଥିଲେ।

## ଜବରଦଖଲ ଜମି ଉଚ୍ଛେଦ ନେଇ ବୈଠକ

ଜୟପୁର,୧୫।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଉପଜିଲାପାଳ ବତାସନା ପଞ୍ଚାୟତ ଓ ସିପିଆଇ ପ୍ରତିନିଧିଙ୍କ ସହ ଅଞ୍ଚଳର ବେଆଇନ ଭାବେ ସରକାରୀ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଦାବି ଉପରେ ବୁଧବାର ଆଲୋଚନ କରିଛନ୍ତି। ୨ ତାରିଖରେ ସିପିଆଇ ନେତୃତ୍ୱରେ କୋଟପାଡ଼ ତହସିଲର ବତାସନା ପଞ୍ଚାୟତବାସୀ ବିଭିନ୍ନ ଦାବି ଓ ସରକାରୀ ଜମି ଜବରଦଖଲକାରୀଙ୍କୁ ହଟେଇ ଭୂମିହୀନଙ୍କୁ ବଣ୍ଟନ ନେଇ ଏକ ଦାବିପତ୍ର ଉପଜିଲାପାଳଙ୍କ ଜରିଆରେ ରାଜସ୍ୱ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉପଜିଲାପାଳ ସିପିଆଇ ନେତା ଯୁଧିଷ୍ଠିର ରାଉଳ ଓ ବତାସନା ପଞ୍ଚାୟତ ପ୍ରତିନିଧିମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ। କୋଟପାଡ଼ ତହସିଲଦାର ନେଇଥିବା ପଦକ୍ଷେପ ଓ ଘଟଣାର ସ୍ୱତନ୍ତ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ କୁରୁମନାଥ ଭତରା, ପୂର୍ଣ୍ଣଚନ୍ଦ୍ର ସୁରୁ, ତ୍ରିପତୀ ଭତରା, ଗୋବର୍ଦ୍ଧନ ଭତରା, ଗୋପବନ୍ଧୁ ହରିଜନ ଓ ମୁକୁନ୍ଦ ଭତରା ପ୍ରମୁଖ ଯୋଗଦେଇଥିଲେ।

## ଆମେରିକାରେ ଓଡ଼ିଆ କବି, ଲେଖକଙ୍କ ପୁସ୍ତକ 'ବିଶ୍ୱମ୍ଭରା' ପ୍ରକାଶିତ

ଡାବୁଗା, ୧୫।୪ (ପ୍ରଜ୍ଞାରଞ୍ଜନ ପରିଡା)




ଚଳିତ ବର୍ଷ ଉତ୍କଳ ଦିବସରେ ଓଡ଼ିଶାର ବିଭିନ୍ନ ସ୍ଥାନର କବି, ଲେଖକଙ୍କ ଲେଖାକୁ ନେଇ ଆମେରିକାର ଦକ୍ଷିଣ ପୂର୍ବରେ ଥିବା ଫ୍ଲୋରିଡ଼ାରେ ଦ୍ୱିତୀୟ ବର୍ଷ ସଂସ୍କରଣ 'ବିଶ୍ୱମ୍ଭରା' ପ୍ରକାଶିତ ହୋଇଛି। ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକଙ୍କ ୨ଟି କବିତା ଏହି ସ୍ମରଣିକାରେ ସ୍ଥାନିତ ହୋଇଥିବାରୁ ନବରଙ୍ଗପୁର ଜିଲାର ଟେକ ସହ ଡାବୁଗାଁ ବିଦ୍ୟାଳୟର ଟେକ ରଖିଛନ୍ତି। ତାଙ୍କର କବିତା ହୃଦୟସ୍ପର୍ଶୀ ହୋଇଥିବାରୁ ସମସ୍ତ ମନକୁ ଜିଣିପାରିଛି। ଭାଷା ସଂସ୍କୃତିର ବାହକ ଆମ ସଂସ୍କୃତିର ମହାନତା ବିଶ୍ୱ ଦରବାରରେ ପହଞ୍ଚାଇବାକୁ ହେଲେ ଭାଷାକୁ ବଞ୍ଚାଇ ରଖିବାକୁ ହେବ ବୋଲି ଅଧ୍ୟକ୍ଷ ନାହାକ କହିଛନ୍ତି। ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକ ଏକାଧାରରେ ଜଣେ କବି, ଲେଖକ, ସୁବକ୍ତା ଓ ଦକ୍ଷ ଅଧିକାରୀ ରୂପେ ଅଞ୍ଚଳରେ ସୁପରିଚିତ। ଏଥିସହ ଯାଦୁଖେଳ ଦେଖାଇ ଲୋକଙ୍କୁ ଖୁସି କରାଇପାରନ୍ତି।

## ବାମପନ୍ଥୀ ନେତା ଏନ୍.ଅହମ୍ମଦଙ୍କ ମହାପ୍ରୟାଣ ଦିବସ

ନବରଙ୍ଗପୁର,୧୫।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମାଟିର ବିଶିଷ୍ଟ ସାମାଜିକ କର୍ମୀ ତଥା ବିପ୍ଲବି ବାମପନ୍ଥୀ ନେତା ଅଧିବକ୍ତା ଏନ୍.ଅହମ୍ମଦଙ୍କ ମହାପ୍ରୟାଣ ଦିବସ ନବରଙ୍ଗପୁର ସଦର ଜିଲା ରାଜମିସ୍ତ୍ରି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା କବି ବିଜୟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ କବି ତଥା ବାଗ୍ମୀ ନାରାୟଣ ପଣ୍ଡା ଯୋଗଦେଇ ସ୍ୱର୍ଗତ ଏନ.ଅହମ୍ମଦଙ୍କ ସାମାଜିକ ଜୀବନୀ ସହ ବାମପନ୍ଥୀ ଆନ୍ଦୋଳନ ଓ ରାଜନୈତିକ ଜୀବନ ଉପରେ ଆଲୋଚନା କରିଥିଲେ। ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମ୍ପାଦକ ତଥା ଲେଖକ ଦୁର୍ଗା ପ୍ରସାଦ ପାଢ଼ୀ, ବାମପନ୍ଥୀ ନେତା ରାଜେଶ ଜାନୀ, ଆଦିବାସୀ ନେତା ଅଖିଳ ଭତ୍ରା,ଅଧ୍ୟାପକ ରମଣୀ ରଞ୍ଜନ ଗରଡା, ଜିଲା କଂଗ୍ରେସ ମୁଖପାତ୍ର ଦେବକାନ୍ତ ପଣ୍ଡା, ଅଧିବକ୍ତା ରୋଜାରାଣୀ ଜାଲ, ଶିଶୁ ସୁରକ୍ଷା ଅଧିକାରୀ ଅନ୍ନପୂର୍ଣ୍ଣା ପାତ୍ର ପ୍ରମୁଖ ଯୋଗଦେଇ ଏନ୍. ଅହମ୍ମଦଙ୍କ ଜୀବନବ୍ୟାପୀ ସାଧନା ଉପରେ ବର୍ଣ୍ଣନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ରୋଜଗାର ସୃଷ୍ଟି କରିବା ଭଳି ଯୋଜନା କାର୍ଯ୍ୟକାରୀ କରାଯିବ: ମନ୍ତ୍ରୀ

### ଉନ୍ନୟନ କାର୍ଯ୍ୟ ଲୋକାର୍ପଣ କଲେ ମନ୍ତ୍ରୀ, ବିଧାୟକ



ମନ୍ତ୍ରୀ ଓ ବିଧାୟକ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କରୁଛନ୍ତି।

ତେନ୍ତୁଳିଖୁଣ୍ଟି ,୧୫।୪ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ବୁଧବାର ତଫସିଲଭୁକ୍ତ ଜାତି ଜନଜାତି, ପଛୁଆବର୍ଗ ଉନ୍ନୟନ ବିଭାଗ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ଲୋକାର୍ପିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୁକୁଡ଼ାବାଇ ମାର୍କେଟ କମ୍ପ୍ଲେକ୍ସ ଲୋକାର୍ପଣ, ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟନ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ମୁଖ୍ୟ ଦ୍ୱାର ଉଦ୍‌ଘାଟନ, କାର୍ଯ୍ୟାଳୟରେ ପୁନରୁଦ୍ଧାର ହୋଇଥିବା ଭିସି ରୁମ୍‌ର ଉଦ୍‌ଘାଟନ କରାଯାଇଥିଲା। ଆଗାମୀ ଦିନରେ ବ୍ଲକ୍‌ରେ ଅନେକ ନୂତନ ଲୋକାଭିମୁଖୀ ପ୍ରକଳ୍ପ, ରୋଜଗାର ସୃଷ୍ଟି କରିବା ଭଳି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲୋକାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ, ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଅନ୍ୟ ଅତିଥିଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ତେନ୍ତୁଳିଖୁଣ୍ଟି ବ୍ଲକ ଅଧ୍ୟକ୍ଷା ନିଳେନ୍ଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଜିଲା ପରିଷଦ ସଭ୍ୟା କୃଷ୍ଣା ମଞ୍ଜରୀ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ବ୍ଲକ୍ ଭାଜପା ପକ୍ଷରୁ ମନ୍ତ୍ରୀ ଗଣ୍ଡ, ବିଧାୟକ ମାଝୀଙ୍କ ସମେତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରାଙ୍କୁ ସାଗତ ସମ୍ବର୍ଦ୍ଧନା କରାଯାଇଥିଲା। ତେନ୍ତୁଳିଖୁଣ୍ଟି ବ୍ଲକ କୁମ୍ପାକୋଟ ପେଟ୍ରୋଲ ବଙ୍କ ନିକଟରୁ ଦଳୀୟ କର୍ମକର୍ତ୍ତା ଅତିଥିଙ୍କୁ ସ୍ୱାଗତ କରିବା ସହ ପାଛୋଟି ନେଇଥିଲେ। ପୂର୍ବତନ ଜିଲା ସଭାପତି ଜଗଦୀଶ ବିଶୋଇଙ୍କୁ ରାଜ୍ୟ କାର୍ଯ୍ୟକାରିଣୀକୁ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଭିମନ୍ୟୁ ହରିଜନ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ଜେନା, ବାବୁଲା ନାୟକ, କାର୍ଯ୍ୟକାରିଣୀ ସଭ୍ୟ ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୫୩ ଲକ୍ଷ ବ୍ୟୟରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ନନ୍ଦାହାଣ୍ଡି, ୧୫।୪ ( ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍‌ରେ ନିର୍ମିତ ବିଭିନ୍ନ ପ୍ରକଳ୍ପଗୁଡିକୁ ବୁଧବାର ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଲୋକାର୍ପଣ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲ। ଅନ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ ସଦନ ଗୌଡ଼, ଏମ୍‌ପି ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର ଓ ଦିବ୍ୟଦାନ ସୁନା, ଜିଲା ଏସଡିସି ଅଧ୍ୟକ୍ଷା ବାସନ୍ତୀ ମାଝୀ, ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା ଏବଂ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଯୋଗ ଦେଇଥିଲେ। ତହସିଲଦାର ଚନ୍ଦ୍ର ଦାସ ମହନନ୍ଦିଆଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସୁଭଦ୍ରା ଶକ୍ତି କାଫେ, ପ୍ରବେଶ ଦ୍ୱାର, ବଜାର ଗୃହ, ଖୋଲା ଶିଶୁ କସରତ କେନ୍ଦ୍ର, ଡିଜିଟାଲ ପାଠାଗାର ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

ଅତିଥିମାନେ ବିଭିନ୍ନ ମହାପୁରୁଷ ଯଥା ମହାତ୍ମା ଗାନ୍ଧୀ, ସୁବାସ ଚନ୍ଦ୍ର ବୋଷ, ଗୋପବନ୍ଧୁ ଦାସ, ଲକ୍ଷ୍ମଣ ନାୟକ, ମଧୁସୂଦନ ଦାସ, ରାଣୀ ଲକ୍ଷ୍ମୀ ବାଈ, ବାଜି ରାଉତ, ସଦାଶିବ ତ୍ରିପାଠୀ, ଏପିଜେ ଅବଦୁଲ କଲାମ, ସ୍ୱାମୀ ବିବେକାନନ୍ଦ ଓ ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସର୍ବ ମୋଟ ୫୩ ଲକ୍ଷ ୨୬ ହଜାର ବ୍ୟୟରେ ନିର୍ମାଣ ହୋଇଥିବା ପ୍ରକଳ୍ପଗୁଡିକର ଲୋକାର୍ପଣ ହୋଇଥିବା ସୂଚନା ମିଳିଛି। ଏହାବ୍ୟତୀତ ୧୧ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୮ଜଣଙ୍କୁ ସ୍ତମ୍ଭ ଖ ସଂଶୋଧିତ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ୧୧ ଜଣଙ୍କ ଉତ୍ତରାଧିକାରୀଙ୍କୁ ମନ୍ତ୍ରୀ ଗଣ୍ଡ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ମା' ଚୈତ୍ରାଇଙ୍କ ଯାତ୍ରାର ଆୟବ୍ୟୟ ବୈଠକ

ନାରାୟଣପାଟଣା, ୧୫।୪ (ରାଜକିଶୋର ଜେନା)

ନାରାୟଣପାଟଣା ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ବୁଢୀ ଠାକୁରାଣୀ ମା' ଚୈତ୍ରାଇଙ୍କ ଘଟଯାତ୍ରା ଆୟବ୍ୟୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ କୁମାର ଦୋରା, ଆଇଆଇସି ମମତା ପଣ୍ଡା, ଯାତ୍ରା କମିଟି ଉପଦେଷ୍ଟା ପୂର୍ବତନ ଜିଲା ପରିଷଦ ସଭ୍ୟ ଲଳିତ ନାରାୟଣ ପରିଡା, ଯାତ୍ରା କମିଟି ସଭାପତି ଦୟାନିଦି ପ୍ରଦାନୀ, କୋଷାଧ୍ୟକ୍ଷ ରମେଶ ଦାସ, ଯାତ୍ରା କମିଟି ଆୟୋଜନ ସଭାପତି ପି.ନବୀନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଏସ୍. ତ୍ରିନାଥ ଘଟଯାତ୍ରାର ଆୟବ୍ୟୟ ପାଠ କରିଥିଲେ। ଯାତ୍ରାରେ ମୋଟ ୧୦୯୮୬୧୯ ଟଙ୍କା ଗ୍ରାମବାସୀଙ୍କଠାରୁ ଆଦାୟ କରାଯାଇଛି। ବୁଢୀ ଠାକୁରାଣୀ ହୁଣ୍ଡିରୁ ୨୭୧୯୦ ଟଙ୍କା ଆଦାୟ ହୋଇଥିବା କମିଟି ପକ୍ଷରୁ ସୂଚନା ମିଳିଛି।

# 'ନାରୀ ସଂରକ୍ଷଣ ବିକଶିତ ଭାରତର ଆଧାରଶିଳା'

## ନାରୀଶକ୍ତିର ଅଭ୍ୟୁଦୟକୁ ନେଇ ଖବରଦାତା ସମ୍ମିଳନୀ

କୋରାପୁଟ, ୧୫।୪ (ଅମିତାଭ ବେହେରା)



ଖବରଦାତା ସମ୍ମିଳନୀରେ ଓଏସ୍‌ସିପିସିଆର କମିଶନର ବବିତା ପାତ୍ର ଓ ଅନ୍ୟମାନେ।

କୋରାପୁଟ ସର୍କିଟ ହାଉସରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଓଏସ୍‌ସିପିସିଆର) ପକ୍ଷରୁ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଶନର ବବିତା ପାତ୍ର ସଂସଦରେ ୧୬ରୁ ୧୮ ଯାଏ ହେବାକୁ ଥିବା ବିଶେଷ ଅଧିବେଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଶ୍ୱାତୀ ହୋତା ଓ ଅଞ୍ଜଳି ମିଶ୍ର ଉପସ୍ଥିତ ଥିଲେ। ତିନିଦିନିଆ ଅଧିବେଶନ ଅମୃତକାଳରେ ଦେଶର ନାରୀଶକ୍ତି ପାଇଁ ଏକ ଐତିହାସିକ ପଦକ୍ଷେପ। ୩୩ ପ୍ରତିଶତ ମହିଳା ସଂରକ୍ଷଣ କେବଳ ସଂଖ୍ୟା ନୁହେଁ, ଏହା ବିକଶିତ ଭାରତର ଆଧାରଶିଳା ବୋଲି କମିଶନର ପାତ୍ର କହିଛନ୍ତି। ଏଥିଯୋଗୁ ମହିଳାମାନେ ନୀତି ଗଠନରେ ସକ୍ରିୟ ଭୂମିକା ନେବେ ବୋଲି ସେ କହିଛନ୍ତି। ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତୀକରଣ, ସ୍ୱାବଲମ୍ବନ ଓ ନେତୃତ୍ୱ ଆଦି '୭ ସ' ନାରୀ ଅଧିକାରର ମୂଳ ଆଧାର। ୨୦୧୪ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମହିଳା କେନ୍ଦ୍ରିକ ବିଭିନ୍ନ ଯୋଜନା ମାଧ୍ୟମରେ ସଶକ୍ତୀକରଣକୁ ଶକ୍ତି ମିଳିଛି। ସରକାରଙ୍କ ବିଭିନ୍ନ ଯୋଜନାକୁ ଉଲ୍ଲେଖକରି ଏହି ପଦକ୍ଷେପକୁ ସମର୍ଥନ ଜଣାଇବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ମହିଳାମାନେ ୯୬୬୭୧୭୩୩୩୩ ନମ୍ବରକୁ ମିସ୍‌ଡ କଲ୍ ଦେଇ ନିଜର ସମର୍ଥନ ଜଣାଇପାରିବେ ବୋଲି ସୂଚନା ଦିଆଯାଇଛି।

## ମାତୃଭୂମି ଓ ମାତୃଭାଷାର କୋଟିଆକୁ ପୋଷ୍ୟ ଗ୍ରାମ ଘୋଷଣା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ, ୧୫।୪ (ଅମିତାଭ ବେହେରା)

**ରାଜ୍ୟସ୍ତରୀୟ କବିତା ପାଠୋତ୍ସବ**

ଓଡ଼ିଆ ନୂଆବର୍ଷ ଅବସରରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ଗ୍ରାମରେ ଓଡ଼ିଶା ସାହିତ୍ୟ ଏକାଡେମୀ, ମାତୃଭୂମି ଓ ମାତୃଭାଷା ପରିବାରର ସହଯୋଗରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ ସାରସ୍ୱତ ଆଲୋଚନା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫୦ରୁ ଊର୍ଦ୍ଧ୍ୱ ସାହିତ୍ୟିକ ଯୋଗଦେଇଛନ୍ତି। ପ୍ରାୟ ୫୦ କବୟିତ୍ରୀ କବି କୋଟିଆର ସମସ୍ୟା, କୋରାପୁଟର ଗୌରବ ଗରିମା, ଓଡ଼ିଆ ଅସ୍ମିତା ତଥା ରାଷ୍ଟ୍ର ପ୍ରୀତି ଉପରେ ରଚିତ କବିତା ପାଠ କରିଥିଲେ। ସାହିତ୍ୟ ସଭାରେ ଶାବର ଶ୍ରୀକ୍ଷେତ୍ରର ପ୍ରାକ୍ତନ ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ଡ. ଜଗବନ୍ଧୁ ସାମଲଙ୍କ ସଭାପତିତ୍ୱରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ, ନାଇଜରର ପ୍ରାକ୍ତନ କୁଳସଚିବ ଡ. ଅଭୟ ନାୟକ, ବାଗ୍ମୀ ବାବାଜୀ ସନତ୍ ସୁଜାତାନନ୍ଦ ଦାସ, ସାହିତ୍ୟ ଏକାଡେମୀର ଉପସଚିବ ସଞ୍ଜୟ ଛୁଆଳସିଂହ, ବିଶିଷ୍ଟ କବି ରାଧୁ ମିଶ୍ର, ପ୍ରଫେସର ଅନିରୁଦ୍ଧ ଦାଶ ଓ ପଟ୍ଟାଙ୍ଗି ଥାନାଧିକାରୀ ସଦାନନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମାତୃଭୂମି ଓ ମାତୃଭାଷା ପରିବାରର ଆବାହକ ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳ ପ୍ରାକ କଥା ରଖିଥିଲେ। ଜଳେନ୍ଦ୍ର ତ୍ରିପାଠୀ ସ୍ୱାଗତ କରି ମଞ୍ଚ ପରିଚାଳନା କରିଥିଲେ। ପ୍ରିୟଙ୍କା ମହାନ୍ତି ପରିଚୟ ପ୍ରଦାନ କରିଥିଲେ। ରମାକାନ୍ତ କାଳିଆ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ପ୍ରଶାସନର ଉପସ୍ଥିତିରେ କୋଟିଆର ସୁରକ୍ଷା ପାଇଁ ସମସ୍ତେ ହାତରେ ସଂକଳ୍ପ ସୂତ୍ର ବାନ୍ଧିଥିଲେ। ମାତୃଭୂମି-ମାତୃଭାଷା ପରିବାର ଦ୍ୱାରା କୋଟିଆକୁ ପୋଷ୍ୟ ଗ୍ରାମ ଘୋଷଣା କରାଯାଇଥିଲା।

## ସିବିଏସ୍‌ଇ ଦଶମ ପରୀକ୍ଷାରେ ଚନ୍ଦ୍ରପଡ଼ା ଓଏଭିର ସଫଳତା


ସୋନାକ୍ଷୀ ନାୟକ


ରଶ୍ମି ତେନ୍ତୁଳିପଡ଼ିଆ


ସୌମ୍ୟଜ୍ୟୋତି ରାଉତ


ସିଦ୍ଧାର୍ଥ ପ୍ରଧାନ

ବୈପାରିଗୁଡ଼ା, ୧୫।୪ (କଳ୍ପତରୁ ମହାନ୍ତି)

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅଧୀନ ଚନ୍ଦ୍ରପଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶତପ୍ରତିଶତ ପରୀକ୍ଷାର୍ଥୀ ପାସ୍ ହୋଇଥିବା ସ୍କୁଲ ଅଧ୍ୟକ୍ଷ ଶଶିଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ଚଳିତବର୍ଷ ମୋଟ ୪୮ ଛାତ୍ରୀଛାତ୍ର ପରୀକ୍ଷା ଦେଇ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୯ ଜଣ ପ୍ରଥମ, ୧୪ ଜଣ ଦ୍ୱିତୀୟ ଓ ୫ଜଣ ତୃତୀୟ ହୋଇଛନ୍ତି। ସୋନାକ୍ଷୀ ନାୟକ ୯୫ ପ୍ରତିଶତ, ସୌମ୍ୟଜ୍ୟୋତି ରାଉତ ୯୩.୮ ପ୍ରତିଶତ, ରଶ୍ମି ତେନ୍ତୁଳିପଡିଆ ୯୩.୨୦ ପ୍ରତିଶତ ଓ ସିଦ୍ଧାର୍ଥ ପ୍ରଧାନ ୯୧.୬୦ ପ୍ରତିଶତ ରଖିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା ପରୀକ୍ଷାର୍ଥୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ବାର୍ଷିକ ଉତ୍ସବ

ବୋରିଗୁମ୍ମା, ୧୫।୪ (ବିଜୟ ନାରାୟଣ ସାହୁ)


କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ।

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କାଠରଗଡ଼ା ପିଏମଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଦ୍ୱିତୀୟ ପିଏମଶ୍ରୀ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀମନ୍ତ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ବିଧାୟକ ତାରାପ୍ରସାଦ ବାହିନୀପତି, ବୋରିଗୁମ୍ମା ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ୩ ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ନରସିଂହ ନାଥ ଶତପଥୀ, ଗୋଷ୍ଠୀ ମଙ୍ଗଳ ଅଧିକାରୀ ସୋନାଲି ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ଗଙ୍ଗାଧର ନାୟକ ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ମଣ୍ଡଳ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ଜାତୀୟ ଶିକ୍ଷାନୀତି ଅନୁଯାୟୀ ସ୍କୁଲକୁ ଏକ ମଡେଲ ସ୍କୁଲ କରି ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଠିକ୍ ଭାବେ ପରିବେଷଣ କରିବାକୁ ପରିବେଶ ସୃଷ୍ଟିକରିବା ଉତ୍ସବର ମୂଳ ଉଦ୍ଦେଶ୍ୟ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ପ୍ରଦାନ କରିଥିଲେ।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ସଚେତନତା କାର୍ଯ୍ୟକ୍ରମ




ନନ୍ଦପୁର, ୧୫।୪ (ତୁଷାର କାନ୍ତ ମହାନ୍ତି)

ଅଗ୍ନିଶମ ସପ୍ତାହ ପାଳନ ଅବସରରେ କୋରାପୁଟ ଜିଲା ନନ୍ଦପୁର ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ପରିସରରେ ଦେଶର ବିଭିନ୍ନ ଅଗ୍ନି ଦୁର୍ଘଟଣା ଓ ବିପର୍ଯ୍ୟୟ ପରିଚାଳନା ବେଳେ ମୃତ ଅଗ୍ନିଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ବୁଧବାର ଅର୍ପଣ କରାଯାଇଛି। ଅଗ୍ନିଜନିତ ଦୁର୍ଘଟଣାରୁ ସତର୍କ ରହିବାକୁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କୁ ସଚେତନ କରାଯାଉଛି। ନନ୍ଦପୁର ଓ ପାଡୁଆ ଅଞ୍ଚଳରେ ଅଗ୍ନିଶମ ବାହିନୀ ଏଏସ୍‌ଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱରେ ଅଗ୍ନିଯୋଦ୍ଧା ପ୍ରକାଶ କିଷାନ, ଥବିର ଭୋଇ, କିରଣ କୁମାର ମହାରଣା, ଜଗନ୍ନାଥ ଦଳାଇ ଓ ଡ୍ରାଇଭର ଅଜୟ ପ୍ରଧାନ ପ୍ରମୁଖ ବିଭାଗର ପ୍ରସ୍ତୁତ ୧୭ ସୂତୀ ସର୍ତକତା ବାର୍ତ୍ତା ପତ୍ର ବଣ୍ଟନ କରିଛନ୍ତି। ଅସାବଧାନତା ସମସ୍ତ ଦୁର୍ଘଟଣା ଓ ଅଘଟଣର ମୂଳ କାରଣ। ନିଜ ସହ ଅନ୍ୟକୁ ସତର୍କ କଲେ ସମସ୍ତ ଦୁର୍ଘଟଣାରୁ ବର୍ତ୍ତିପାରିବା ବୋଲି ଏଏସ୍‌ଓ ସାମଲ କହିଛନ୍ତି।

## ନନ୍ଦପୁର ଓଏଭିର ଲିପ୍ସା ପ୍ରଥମ, ଚନ୍ଦନା ଦ୍ୱିତୀୟ

ନନ୍ଦପୁର, ୧୫।୪ (ତୁଷାର କାନ୍ତ ମହାନ୍ତି)


ଲିପ୍ସା ପ୍ରିୟଦର୍ଶିନୀ


ଚନ୍ଦନା ବେହେରା

ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗଣିନାୟକପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୬୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୯ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୪ ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟ ପାଇ ପୁନଃ ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସ୍କୁଲର ଛାତ୍ରୀ ଲିପ୍ସା ପ୍ରିୟଦର୍ଶିନୀ ୯୩.୮ ପ୍ରତିଶତ ରଖି ପ୍ରଥମ ଓ ୯୩.୨ ପ୍ରତିଶତ ରଖି ଚନ୍ଦନା ବେହେରା ବିଦ୍ୟାଳୟରେ ଦ୍ୱିତୀୟ ହୋଇଛନ୍ତି। ସ୍କୁଲ ଅଧ୍ୟକ୍ଷ ନନ୍ଦ ଖରା ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପୁଣି ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ଅଧିକ ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି।

## ଅଗ୍ନିଗଙ୍ଗା ମା'ଙ୍କ ଘଟଯାତ୍ରା ପ୍ରସ୍ତୁତି ବୈଠକ

ସୁନାବେଡା/ସେମିଳିଗୁଡ଼ା, ୧୫।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସୁନାବେଡ଼ା ଓ ସେମିଳିଗୁଡ଼ାରେ ଅଗ୍ନିଗଙ୍ଗା ମା' ଯାତ୍ରା ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ସେମିଳିଗୁଡ଼ା ତହସିଲଦାର ତଥା ଯାତ୍ରା କମିଟି ଉପଦେଷ୍ଟା ଦେବବ୍ରତ କରାତି, ସୁନାବେଡା ଏସଡିପିଓ ତଥା ଯାତ୍ରା କମିଟି ଉପଦେଷ୍ଟା ସୁମିତ୍ରା ଜେନା, ଯାତ୍ରା କମିଟି ସଭାପତି ତଥା ସେମିଳିଗୁଡ଼ା ଥାନା ଅଧିକାରୀ ଅନିତା କୁଜୁର, ମନ୍ଦିର କମିଟି ସଭାପତି ଏଲ ତେଜେଶ୍ୱର ପାତ୍ର, ସମ୍ପାଦକ ତ୍ରିନାଥ ନାୟକ, କୋଷାଧ୍ୟକ୍ଷ ହେମଚନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଧୁମଧାମରେ ପାଳିବାକୁ ଆଲୋଚନା ହୋଇଥିଲା। ସହରରେ ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ମେ ୩ରୁ ଯାତ୍ରା ଆରମ୍ଭ ହୋଇ ୧୩ରେ ଶେଷ ହେବାକୁ ନିଷ୍ପତ୍ତି ହୋଇଛି। ପାଣ୍ଠି ସଂଗ୍ରହ ପାଇଁ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା। ଏଲ.ପ୍ରଦୀପ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆମେ ଓଡ଼ିଆ, ଆମ ଗୀତ ବଢ଼ିଆ କାର୍ଯ୍ୟକ୍ରମ

ଜୟପୁର, ୧୫।୪ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ରାଜନଅରରେ ଆମେ ଓଡ଼ିଆ, ଆମ ଗୀତ ବଢ଼ିଆ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ତାରାପ୍ରସାଦ ବାହିନୀପତି, ଆକାଶବାଣୀର ମ୍ୟୁଜିକ କମ୍ପୋଜର ତଥା ବରିଷ୍ଠ କଳାକାର ବିଜୟ କୁମାର ସାମନ୍ତରାୟ, ଇଂ. ତ୍ରିଲୋଚନ ପଣ୍ଡା, ଇଂ. ଏନ୍. ସି. ମଲ୍ଲିକ, ଇଂ. ତ୍ରିଲୋଚନ ପଣ୍ଡା, ଇଂ. କେଦାର ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପୁରୁଣା ଏବଂ ନୂତନ ଓଡ଼ିଆ ଗୀତ କାର୍ଯ୍ୟକ୍ରମ ଚାଲିଥିଲା। ଏହାକୁ ଦର୍ଶକ ଉପଭୋଗ କରିଥିଲେ। ବାଦ୍ୟଯନ୍ତ୍ର କିବୋର୍ଡରେ ଧୀରେନ ପଟ୍ଟନାୟକ, ସେକ୍ସଫୋନରେ ରାହୁଲ ସାମନ୍ତରାୟ, ଲିଡ୍ ଗିଟାରରେ ଈଶ୍ୱର ସରାଫ ଓ ତବଲାରେ ତରୁଣ ପାଣି ଥିଲେ। ଶ୍ରୀକାନ୍ତ ଦାସ ଓ ଜୟନ୍ତ ଦାସ ମଞ୍ଚ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଛାତ୍ରଙ୍କ ଦାବିପତ୍ର


ଛାତ୍ରମାନେ ବିଡିଓଙ୍କୁ ସ୍କୁଲ ସମସ୍ୟା ଜଣାଉଛନ୍ତି।

ସୁନାବେଡା/ସେମିଳିଗୁଡ଼ା, ୧୫।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସରକାର ପିଲାଙ୍କ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ଓ ଏହାର ଶ୍ରେଣୀଗୃହଗୁଡ଼ିକୁ ଆଧୁନିକ ପ୍ରଣାଳୀରେ ରୂପାନ୍ତରିତ କରିଛନ୍ତି। କିନ୍ତୁ କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅଧୀନ ମାଳିମାର୍ଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏହା କାମରେ ଆସୁ ନ ଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ଏକାଧିକ ଛାତ୍ର ସ୍କୁଲର ବିଭିନ୍ନ ସମସ୍ୟା ନେଇ ସେମିଳିଗୁଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ବୁଧବାର ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ସ୍କୁଲରେ ଇତିହାସ ଓ ଭୂଗୋଳ ଶିକ୍ଷକ ନ ଥିବାରୁ ପାଠ ପଢ଼ା ହେଉ ନ ଥିବା, ବିଜ୍ଞାନ ପାଠାଗାର ଥିଲେ ସୁଦ୍ଧା ପ୍ରୟୋଗ କୌଶଳ କରା ନ ଯିବା, କମ୍ପ୍ୟୁଟର ଶିକ୍ଷାଦାନ ହେଉ ନ ଥିବା, ମୋବାଇଲ ନେଟ୍‌ୱର୍କରେ ସମସ୍ୟା ଯୋଗୁ ଅନ୍‌ଲାଇନ ପାଠପଢ଼ା ନ ହେବା, ବିଦ୍ୟାଳୟରେ ଖେଳ ପଡ଼ିଆ ନ ଥିବା ଓ ଖେଳ ଶିକ୍ଷକ ଅଭାବରୁ ଖେଳର କୌଣସି ବିକାଶ ହୋଇପାରୁ ନ ଥିବା ଆଦି ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପିଲାଙ୍କୁ ମଧ୍ୟାହ୍ନଭୋଜନରେ ଅଣ୍ଡା ଠିକ୍ ଭାବେ ଦିଆଯାଉ ନ ଥିବା, ଉପଯୁକ୍ତ ପରିମାଣର ଡାଲି ପକାଯାଉ ନ ଥିବା ଓ ତରକାରିରେ ପୋକରା ପରିବା ବ୍ୟବହାର ହେଉଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ବିଡିଓ ପ୍ରଧାନ ଛାତ୍ରମାନଙ୍କ ସହ କଥାବାର୍ତ୍ତା ହୋଇ ସେମାନେ ଖାଇ ନ ଥିବା ଜାଣି ଖାଦ୍ୟର ବ୍ୟବସ୍ଥା କରିଥିଲେ। ଛାତ୍ରମାନଙ୍କଠାରୁ ବିଦ୍ୟାଳୟର ସମସ୍ୟା ଶୁଣି ଏହାକୁ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି। ସମସ୍ତ ଛାତ୍ର ନିଜ ଖର୍ଚ୍ଚରେ ଅଟୋ ଭଡା କରି ବ୍ଲକ୍ କାର୍ଯ୍ୟାଳୟ ଯାଏ ଆସିଥିବା ବିଡିଓ ଜାଣିବାକୁ ପାଇଥିଲେ। ଏହା ପରେ ସେ ପିଲାଙ୍କୁ ସ୍କୁଲରେ ପହଞ୍ଚାଇବା ବ୍ୟବସ୍ଥା କରିଥିଲେ।

## ଏସ୍‌ଡିସି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ନନ୍ଦପୁର, ୧୫।୪ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ଆଦର୍ଶ ବହୁମୁଖୀ ଆଦିବାସୀ ସମବାୟ ସମିତି ପକ୍ଷରୁ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ବୁଧବାର ଆୟୋଜିତ ହୋଇଛି। ଏଥିରେ ନବନିଯୁକ୍ତ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଲ୍ୟାମ୍ପ ସଭାପତି ଦାନ ସୀସା, ନିର୍ଦ୍ଦେଶକ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଭାଜପା ମଣ୍ଡଳ ସଭାପତି ହରିହର ବେହେରା, ଭାଜପା ନେତା ଏସ୍.କେ. ଗଫୁର ପ୍ରମୁଖ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ସୁରେଶ ପଣ୍ଡା ଅଧ୍ୟକ୍ଷଙ୍କୁ ଲ୍ୟାମ୍ପର ସଫଳତା ଓ ଆବଶ୍ୟକତା ନେଇ ସୂଚନା ଦେଇଥିଲେ। ବ୍ଲକର ଚାଷୀଙ୍କ ହିତରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ସହଯୋଗ କରାଯିବ ବୋଲି ଅଧ୍ୟକ୍ଷ ମୁଦୁଲି କହିଥିଲେ।

## ୮ ମାସ ହେବ ଅଟକିଛି ଲ୍ୟାମ୍ପ, ଗୋଦାମ ଗୃହ ନିର୍ମାଣ କାର୍ଯ୍ୟ

ନନ୍ଦପୁର/ପାଡୁଆ, ୧୫।୪
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧୀନ ପାଡୁଆ ଲ୍ୟାମ୍ପ କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ କାର୍ଯ୍ୟ ୮ ମାସ ହେବ ଅଟକି ରହିଥିବା ସୂଚନା ମିଳିଛି। ନିର୍ମାଣସ୍ଥଳ ଉପର ଦେଇ ବିଦ୍ୟୁତ୍ ତାର ବିଛା ହୋଇରହିଛି। ଲ୍ୟାମ୍ପ କର୍ତ୍ତୃପକ୍ଷ ନିର୍ମାଣାଧୀନ ସୌଧ ଉପରୁ ଉକ୍ତ ବିଦ୍ୟୁତ୍ ତାରକୁ ହଟାଇବା ପାଇଁ ୨ ବିଦ୍ୟୁତ୍ ଖୁଣ୍ଟ କିଛି ଫୁଟ ଘୁଞ୍ଚାଇବାକୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୫ ତା.୧୯।୮।୨୦୨୫ରେ ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ ନନ୍ଦପୁର ଟିପି ଏସ୍‌ଓଡିଏଲ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ନିର୍ମାଣ କାର୍ଯ୍ୟ ଆଗେଇପାରୁ ନ ଥିବା ଲ୍ୟାମ୍ପ ପରିଚାଳକ ପୂର୍ଣ୍ଣଚନ୍ଦ୍ର କୁର୍ତ୍ତାଡ଼ି କହିଛନ୍ତି। ଏଥିଯୋଗୁ ୮ ପଞ୍ଚାୟତର ଚାଷୀଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ପାଡୁଆ ଲ୍ୟାମ୍ପର ଉନ୍ନତି ହୋଇ ପାରୁନାହିଁ। ଏ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ଟିପି ଏସ୍‌ଓଡିଏଲ୍ ଯନ୍ତ୍ରୀ ପ୍ରଭୁ ମଲ୍ଲିକଙ୍କୁ ପଚାରିବାରୁ ସେ ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ଚିଠି ନେଇ ଅଜ୍ଞ ଥିବା କହିଛନ୍ତି। ୩ ଦିନ ମଧ୍ୟରେ କର୍ମଚାରୀଙ୍କୁ ପଠାଇ ଆବଶ୍ୟକ ତଦାରଖକରି ବିଦ୍ୟୁତ୍ ଖୁଣ୍ଟ ହଟାଇବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି।



## ଶର୍ଟସର୍କିଟରୁ ଜଳିଗଲା ବିଦ୍ୟୁତ୍ ତାର

ସୁନାବେଡ଼ା, ୧୫।୪ (କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା-ନନ୍ଦପୁର ରାସ୍ତା ଏକ ହୋଟେଲ ସମ୍ମୁଖ ଖୁଣ୍ଟର ବିଦ୍ୟୁତ ତାରରେ ସର୍ଟସର୍କିଟରୁ ନିଆଁ ଲାଗି ଜଳିଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ବିଭାଗକୁ ଖବର ଦେବା ପରେ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମରାମତି କରିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। ଏଥିରେ କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

## କୁଳପତିଙ୍କ ବିକ୍ରମଦେବ ଛାତ୍ରାବାସ ପରିଦର୍ଶନ

ଜୟପୁର, ୧୫।୪ (ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ କୁଳପତି ଡ. ହୃଷିକେଶ ସେନାପତି ବିକ୍ରମଦେବ ଛାତ୍ରାବାସ ବୁଧବାର ପରିଦର୍ଶନ କରିଛନ୍ତି। ଛାତ୍ରାବାସର ନୂତନ କୋଠା ଦେଖିବା ସହ ପୁରାତନ କୋଠାର ସ୍ଥିତି ଓ ରକ୍ଷଣାବେକ୍ଷଣ ଅଭାବରୁ ଭୁତ କୋଠି ହୋଇଥିବା ସେ ଦେଖିଥିଲେ। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ମରାମତି କରି ଛାତ୍ରାବାସ ପୁନଃଉଦ୍ଧାର କରାଯିବ ବୋଲି କହିଛନ୍ତି।

# ଅନ୍ଧାରରେ ଚାଲୁଛି ଖିଲୁଆ ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟ

ନନ୍ଦପୁର, ୧୫।୩ (ତୁଷାର କାନ୍ତ ମହାନ୍ତି)

**ବାହାରେ ଲାଗିଛି ମିଟର, ଭିତରେ ହୋଇନି ଓୟାରିଂ**




ଅଙ୍ଗନୱାଡି କେନ୍ଦ୍ର ବାହାରେ ବର୍ଷାଧିକ କାଳରୁ ସ୍ଥାନିତ ହୋଇଛି ବିଦ୍ୟୁତ୍ ମିଟର, କିନ୍ତୁ ଭିତର ଭାଗରେ ଓୟାରିଂ ହୋଇନାହିଁ। ଅନ୍ଧାରରେ ଚାଲିଛି ଶିଶୁଙ୍କୁ ଟିକାକରଣ। କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ହିକିମପୁଟ ପଞ୍ଚାୟତ ଅଧୀନ ଖିଲୁଆ ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ଦେଖିବାକୁ ମିଳିଛି। କେନ୍ଦ୍ରରେ ଶିଶୁ, କିଶୋରୀ ଓ ମହିଳାଙ୍କ ପୋଷଣ, ପ୍ରାକ୍ ଶିକ୍ଷା କାର୍ଯ୍ୟକ୍ରମ ସହ ଟିକାକରଣ କାର୍ଯ୍ୟକ୍ରମ ଅନ୍ଧାରରେ କରାଯାଉଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖିଲୁଆ ଓ କେ.ମାଳିପୁଟ ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ଥିବା ଶିଶୁଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିକାକରଣ କରାଯାଇଥିଲା। ଶିଶୁଙ୍କୁ ଟିଟି, ପେଣ୍ଟା, ଏମ୍‌ଆର୍ ଟିକା ବୁଧବାର ପ୍ରଦାନ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ସୁଭଦ୍ରା ଗୋଲରି, ଦାଇ ମୁଦୁଲି, ମହିଳା ସ୍ୱାସ୍ଥ୍ୟକର୍ମୀ ସଂଯୁକ୍ତା ହନ୍ତାଳ, ଆଶାକର୍ମୀ ଯମୁନା ସୀସା ପ୍ରମୁଖ ଟିକାକରଣ ପାଇଁ ଉପସ୍ଥିତ ଥିଲେ। ଅଙ୍ଗନୱାଡି କେନ୍ଦ୍ର ବାହାରେ ବସିବାକୁ ସ୍ଥାନ ନ ଥିବାରୁ କେନ୍ଦ୍ର ଭିତର ଅନ୍ଧାରରେ ଝରକା ଆଲୁଅରେ ଟିକାକରଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। କେନ୍ଦ୍ର ପରିସରକୁ ମୋବାଇଲ ନେଟ୍‌ୱର୍କ ଆସୁ ନ ଥିବାରୁ ଜଣେ କର୍ମଚାରୀ ୨ଶହ ମିଟର ଦୂରରେ ବସି ଟିକାକରଣ ଅନ୍‌ଲାଇନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଅନ୍ଧାରରେ ପ୍ରାକ୍ ଶିକ୍ଷା, ପୋଷଣ କାର୍ଯ୍ୟକ୍ରମ ଓ ଟିକାକରଣ କରିବା ଉଚିତ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା, ସିଡିପିଓ ମିନତିବାଳା ପଟ୍ଟନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଅମିତ କୁମାର ସାହୁଙ୍କ ଦୃଷ୍ଟିକୁ ନିଆଯାଇଛି। ବିଡିଓ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସିଡିପିଓ କହିଛନ୍ତି। ଖିଲୁଆ ସମେତ ଏଭଳି ସ୍ଥିତି ଥିବା ବ୍ଲକ୍‌ର ଅନ୍ୟ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଓୟାରିଂ କାର୍ଯ୍ୟ କରାଇବା ବ୍ୟବସ୍ଥା କରିବେ ବୋଲି ସୂଚନା ଦେଇଛନ୍ତି।

